# NATIONAL NEWS BULLETIN (ODIA)
## 18 February - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଓ କତାର୍ ପ୍ରତିପକ୍ଷଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ଅନୁଷ୍ଠିତ ।

– ପାରସ୍ପରିକ ସ୍ୱାର୍ଥ ସମ୍ପନ୍ନ ଆଞ୍ଚଳିକ ଏବଂ ବୈଷୟିକ ପ୍ରସଙ୍ଗ ଉପରେ ମତବିନିମୟ ।

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ପୂରିଲା ୯ ବର୍ଷ ।
- ଜାମ୍ମୁ କାଶ୍ମୀରରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଦିଲ୍ଲୀ ବିଜେପି ବିଧାୟକ ଦଳ ବୈଠକ ଆସନ୍ତାକାଲି ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁହାଁମୁହିଁ ହେବେ ଗୁଜରାଟ ଜାଏଣ୍ଟସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ।

# ଇଣ୍ଡିଆ-କତାର୍

ଭାରତ ଓ କତାର୍ ବାଣିଜ୍ୟ, ଶକ୍ତି, ପୁଞ୍ଜିନିବେଶ, ଉଦ୍ଭାବନ, ଖାଦ୍ୟ ନିରାପତ୍ତା, ସଂସ୍କୃତି ଏବଂ ଲୋକମାନଙ୍କ ମଧ୍ୟରେ ନିବିଡ଼ତାକୁ ଗୁରୁତ୍ୱ ଦେଇ ଉଭୟ ଦେଶ ମଧ୍ୟରେ ଏକ ରଣନୈତିକ ଭାଗିଦାରୀ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କତାର୍‌ର ଅମିର୍ ଶେଖ୍ ଫୈଜଲ୍ ବିନ୍ ଥାନୀ ବିନ୍ ଫୈଜଲ୍ ଅଲ୍ ଥାନୀଙ୍କ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ପନ୍ନ ଆଞ୍ଚଳିକ ଏବଂ ବୈଷୟିକ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ଏହି ଅବସରରେ ଭାରତ ଓ କତାର୍ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀକୁ ପ୍ରୋତ୍ସାହିତ କରିବା, ଦ୍ୱିଗୁଣିତ ଟିକସକୁ ଉଠାଇବା ଏବଂ ଆୟ ଉପରେ ଟିକସ ଫାଙ୍କିକୁ ରୋକିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତା ଡୋଭାଲ୍ ଏବଂ ଦେଶର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ପୂର୍ବରୁ ଆଜି ସକାଳେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ କତାର୍ ଅମିର୍‌ଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା । ଭାରତ-କତାର୍ ବ୍ୟବସାୟିକ ଫୋରମ୍‌କୁ ସମ୍ବୋଧିତ କରି ଶିଳ୍ପ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଭାରତ-କତାର୍ ଭବିଷ୍ୟତ ଭାଗିଦାରୀ ସ୍ଥାୟୀତା, ପ୍ରଯୁକ୍ତି ବିଦ୍ୟା, ଉଦ୍ୟୋଗ ଏବଂ ଶକ୍ତିର ସ୍ତମ୍ଭ ହୋଇ ରହିବ । ସେ କହିଛନ୍ତି, ବାଣିଜ୍ୟ ଏବଂ ବ୍ୟବସାୟିର ଧାରାରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଶକ୍ତି ବାଣିଜ୍ୟରୁ  ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତା, ଇଣ୍ଟରନେଟ୍ ଏବଂ ସେମିକଣ୍ଡକ୍ଟର ଭଳି ଜ୍ଞାନକୌଶଳରେ ବିକଶିତ କରାଯାଉଛି । ଦେଶରେ ପୁଞ୍ଜିନିବେଶ ସୁଯୋଗ ଉପରେ ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, ବ୍ୟବସାୟର ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର ଆସିବା ଯୋଗୁଁ ବ୍ୟବସାୟ କରିବା ସହଜ ହୋଇଛି । ଭାରତ ଆଜି ସ୍ଥିରତା, ପୂର୍ବାନୁମାନ ଓ ନିରନ୍ତରତାର ଏକ ମାର୍ଗ ଦେଖାଇ ପାରୁଛି । ଲୋକମାନଙ୍କ ପାଇଁ ଅଧିକ ସମୃଦ୍ଧି ଆଣିବା ପାଇଁ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସହଯୋଗ, ବିକଶିତ ଭାରତ ୨୦୪୭ ଏବଂ କତାର୍ ଜାତୀୟ ଦୂରଦୃଷ୍ଟି ୨୦୩୦ର ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବାରେ ଏହି ବୈଠକ ସହାୟକ ହୋଇପାରିବ ବୋଲି ଶିଳ୍ପ ମନ୍ତ୍ରୀ କହିଛନ୍ତି ।

# ପିଏମ୍-ଫସଲ ବୀମା ଯୋଜନା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ୯ ବର୍ଷ ପୂରିଛି । ୨୦୧୬ ମସିହାରେ ଫସଲ ହାନୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ଶିକାର ହୋଇଥିବା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

କୃଷକଙ୍କ ଆୟ ସ୍ଥିର କରିବା କ୍ଷେତ୍ରରେ ଏହି ଯୋଜନାରେ ଅଭିନବ କୃଷି ପଦ୍ଧତିର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ସରକାର ବଜେଟ୍‌ରେ ଅଣସ୍ତରୀ ହଜାର ୫୧୫ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପାଣିପାଗ ଭିତ୍ତିକ ଫସଲ ବୀମା ଯୋଜନା ଜାରି ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ।

# ଅମିତ ଶାହା-କ୍ରିମିନାଲ୍ ଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁ କାଶ୍ମୀରରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି ।  ଏହି ବୈଠକରେ ପୁଲିସ୍, ଜେଲ୍, ଅଦାଲତ ଏବଂ ଅନ୍ୟାନ୍ୟ

ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ଏଗୁଡ଼ିକର ସାଂପ୍ରତିକ ସ୍ଥିତି ଓ କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଛି ।

ଗତବର୍ଷ ଜୁଲାଇ ପହିଲାରେ ସାରା ଦେଶରେ ପ୍ରଣୟନ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ସାକ୍ଷ୍ୟ ନିୟମ ସହ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ପ୍ରଭାବଶାଳୀ କରିବା ଲାଗି ଏହି ବୈଠକରେ ଆଲୋଚନା ହୋଇଛି ।

ଏଥିରେ ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା, ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସିବିଆଇ-ସାଇବର କ୍ରାଇମ୍

ଜର୍ମାନୀ ନାଗରୀକମାନଙ୍କୁ ୨୦୨୧ ମସିହାରୁ ଅସୁବିଧାରେ ପକାଇ ଆସୁଥିବା ଏକ ଅତ୍ୟାଧୁନିକ ଭର୍ଚୁଆଲ୍ ସାଇବର କ୍ରାଇମ୍ ନେଟ୍‌ୱାର୍କକୁ ବନ୍ଦ କରିବା ପାଇଁ ସିବିଆଇ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଦିଲ୍ଲୀ, କୋଲକାତା ଓ ସିଲିଗୁଡ଼ିର ୬ଟି ସ୍ଥାନରେ ଗତ ୧୪ ତାରିଖରୁ ୪ ଦିନ ଧରି ସି.ବି.ଆଇ. ପକ୍ଷରୁ ଏ ସଂକ୍ରାନ୍ତରେ ଚଢ଼ାଉ କରାଯାଇଥିଲା । ଆନ୍ତର୍ଜାତିକ ସାଇବର ଆର୍ଥିକ ଅପରାଧ ନେଟ୍‌ୱାର୍କ ମାଧ୍ୟମରେ ଅପରାଧିମାନେ ଏହାକୁ ପରିଚାଳନା କରୁଥିବା ସି.ବି.ଆଇ. ଜାଣିବାକୁ

ପାଇଥିଲା । ଜର୍ମାନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଚକ୍ର-୪ ଅଂଶବିଶେଷ ଭାବେ ଏହି ଅଭିଯାନ ସି.ବି.ଆଇ. ଆରମ୍ଭ କରିଥିଲା । ଚଢ଼ାଉ ସମୟରେ ସିଲିଗୁଡ଼ିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ୍ କରାଯିବା ସହ ୭ଟି ମୋବାଇଲ୍ ଫୋନ୍, ଗୋଟିଏ ଲ୍ୟାପ୍‌ଟପ୍ ଏବଂ ଅପରାଧିକ କାଗଜପତ୍ର ଆଦି ସି.ବି.ଆଇ. ଜବତ କରିଥିଲା । ସେହିପରି ପଶ୍ଚିମବଙ୍ଗର ଦାର୍ଜିଲିଂରେ ଅଭିଯୁକ୍ତଙ୍କ ଦ୍ୱାରା ପରିଚାଳିତ ଏକ ବେଆଇନ୍ କଲ୍ ସେଣ୍ଟରରେ ମଧ୍ୟ ସି.ବି.ଆଇ. ଚଢ଼ାଉ କରି ୨୪ଟି ଡିଜିଟାଲ୍ ପ୍ରମାଣ ଥିବା ହାର୍ଡ୍‌ଡିସ୍କ ଜବତ କରିଥିବା ସୂଚନା ମିଳିଛି ।

## ବିଜେପି-ପାର୍ଟି ମିଟିଂ

ନୂଆଦିଲ୍ଲୀରେ ଦିଲ୍ଲୀ ବିଜେପି ବିଧାୟକ ଦଳ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ । ଏହି ବୈଠକରେ ବିଜେପିର ସମସ୍ତ ନୂତନ ନିର୍ବାଚିତ ବିଧାୟକଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେବେ । ଦଳୀୟ ସୂତ୍ରରୁ ପ୍ରକାଶ ଏହି ବୈଠକରେ ଦିଲ୍ଲୀର ପରବର୍ତ୍ତୀ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ । ନୂଆଦିଲ୍ଲୀର ରାମଲିଲା ମଇଦାନ ଠାରେ ଆସନ୍ତା ଗୁରୁବାର ଦିନ ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ

ହେବ । ଚଳିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ୭୦ଟି ଆସନ ମଧ୍ୟରୁ ୪୮ଟିରେ ବିଜୟ ଲାଭ କରିଥିଲା ।

## ମହାରାଷ୍ଟ୍ର-କ୍ୟାବିନେଟ୍

ମହାରାଷ୍ଟ୍ର କ୍ୟାବିନେଟ୍ ଆଜି ରାଜ୍ୟରେ ୩୪୬ଟି ନୂତନ ନିଶାନିବାରଣ ଟାକ୍ସଫୋର୍ସ ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନେଇଛି । ରାଜ୍ୟରେ ଷଷ୍ଠ ରାଜ୍ୟ ଅର୍ଥନୈତିକ ଆୟୋଗ ଗଠନ କରିବା ପାଇଁ ମଧ୍ୟ ଆଜି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ଏହା ସହିତ ୧ ହଜାର ୫୯୪ କୋଟି ସମ୍ବଳିତ ସୌରଶକ୍ତି ପ୍ରକଳ୍ପ ଆରମ୍ଭ କରିବା ପାଇଁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହି ପ୍ରକଳ୍ପ ଆରମ୍ଭ ହେଲେ ସାଙ୍ଗଲି ଜିଲ୍ଲାର ମହିସାଲ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ଏବଂ ଏହା ଫଳରେ ମରୁଡ଼ି ପ୍ରପିଡ଼ିତ ଅଞ୍ଚଳରେ ଥିବା ପ୍ରାୟ ୧ ଲକ୍ଷ ୮ ହଜାର ୧୯୭ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ । ସେହିପରି ଜଲଗାଓଁ ଜିଲ୍ଲାରେ ଚାଲିସ୍ ଗାଓଁ ତାଲୁକା ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ ୧ ହଜାର ୨୭୫ କୋଟି ୭୮ ଲକ୍ଷ ଟଙ୍କା କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଚାଲିସ୍ ଗାଓଁ ଏବଂ ଭଡ଼ଗାଓଁ ଅଞ୍ଚଳର ୮ ହଜାର ୨୯୦ ହେକ୍ଟର ଜମି ଜଳସେଚିତ ହୋଇପାରିବ ।

# ଉଚ୍ଚସ୍ତରୀୟ କମିଟି ଗଠନ

ଓଡ଼ିଶାର ଭୁବନେଶ୍ୱରରେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟରାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ଏଥିସହ ଘଟଣାରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର ସଂକ୍ରାନ୍ତ ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ କୁହାଯାଇଛି । ଘଟଣାରେ ଜଡ଼ିତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

# ବସ୍ ଆକ୍ସିଡେଣ୍ଟ

ବଲ୍‌ଭିଅର ୟୋକାଲା ଜିଲ୍ଲାର ଦକ୍ଷିଣ ପଶ୍ଚିମାଞ୍ଚଳ ପାର୍ବତ୍ୟ ଅଞ୍ଚଳର ଏକ ପାହାଡ଼ିଆ ରାସ୍ତାରେ ଯାଉଥିବା ବସ୍ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଅତି କମ୍‌ରେ ୩୦ ଜଣଙ୍କର ପ୍ରାଣହାନୀ ଘଟିଛି । ପୋଟୋସି ଏବଂ ଓରୁର ସହର ମଧ୍ୟରେ ଯାଉଥିବା ଏହି ରାସ୍ତାରେ ବସ୍‌ଟି ଭାରସାମ୍ୟ ଘଟାଇ ୮୦୦ ମିଟର ତଳକୁ ଖସି ପଡ଼ିଥିଲା । ସୂଚନା ଯୋଗ୍ୟ ସେଠାକାର ସରକାରଙ୍କ ସୂଚନା ଅନୁସାରେ ପ୍ରତ୍ୟେକ ବର୍ଷ ବଲଭିଅରେ ଏଭଳି

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହାରାହାରି ୧୪୦୦ ଲୋକ ପ୍ରାଣ ହରାଇଥାନ୍ତି ।

## ୱେଭ୍ସ-ଟ୍ରେଲର୍ ମେକିଂ

ନେଟ୍‌ଫ୍ଲିକ୍ସର ବ୍ୟାପକ ବିଷୟବସ୍ତୁ ଉପରେ ଆଧାରିତ  ଲାଇବ୍ରେରୀ ବ୍ୟବହାର କରି ଆକର୍ଷଣୀୟ ଟ୍ରେଲର୍ ପ୍ରସ୍ତୁତ କରିବା ଆଶାୟୀ ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ **ୱେଭ୍ସ ଟ୍ରେଲର୍ ମେକିଂ** ପ୍ରତିଯୋଗିତାର ପଞ୍ଜିକରଣ ଆରମ୍ଭ ହୋଇଛି । ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏଣ୍ଟରଟେରିମେଣ୍ଟ ସମିଟ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଭିଡ଼ିଓ ଏଡିଟିଂ, ଚଳଚ୍ଚିତ୍ର, ବିଷୟବସ୍ତୁତ ନିର୍ମାଣ କରିବାକୁ ଆଗ୍ରହୀ ଛାତ୍ରଛାତ୍ରୀ ଓ ଆଶାୟୀ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାଗ ନେବା ପାଇଁ ଆବେଦନକାରୀଙ୍କ ବୟସ ଅତି କମ୍‌ରେ ୧୮ ବର୍ଷ ହେବା ଆବଶ୍ୟକ । ଚଳିତ ମାସ ୧୫ ତାରିଖ ସୁଦ୍ଧା ସମଗ୍ର ବିଶ୍ୱରୁ ୩ହଜାର ୩୧୩ ପ୍ରତିଯୋଗି ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପଞ୍ଜିକରଣ କରିଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଏହି ପଞ୍ଜିକରଣ ପ୍ରକ୍ରିୟା ଶେଷ ହେବାକୁ

ଥିବା ବେଳେ ଆସନ୍ତା ମେ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ୱେବ୍ସ ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

# ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ଭଦୋଦରାର କୋଟାମ୍ବି  ଷ୍ଟାଡିୟମ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୮ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଥିଲା ।

ପଏଣ୍ଟ ତାଲିକାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୪ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ଗୁଜରାଟ ଜାଏଣ୍ଟ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ୨ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ।